# କେତେ ଦୂରେ

ପ୍ରଜାତନ୍ତ୍ର/୧୧-୧୨-୫୫ —ମନୋଜ ଦାସ

## ଭାରତୀୟ କଥା-ସାହିତ୍ୟ

ଗତ ବର୍ଷ ଏକାଧିକ ଆଲୋଚନା ଚକ୍ରରେ ଯୋଗ ଦେବାର ଅବକାଶ ଏହି ଲେଖକଙ୍କୁ ମିଳିଥିଲା, ଯେଉଁଠି ଭାରତବର୍ଷର ବହୁ ଭାଷାଭାଷୀ ଔପନ୍ୟାସିକ ଓ ଗାଳ୍ପିକ ଏକତ୍ରିତ ହୋଇ 'ଭାରତୀୟ କଥା-ସାହିତ୍ୟ'ର ଧାରା ଓ ବିକାଶ ସମ୍ପର୍କରେ ଆଲୋଚନା କରିଥିଲେ । ଯେଉଁ କେତୋଟି ପ୍ରଶ୍ନକୁ କେନ୍ଦ୍ର କରି ଆଲୋଚକମାନେ ନିଜ ନିଜର ବିଭିନ୍ନ ମତ ପ୍ରକାଶ କରିଥିଲେ, ସେଗୁଡ଼ିକ ହେଲା ଭାରତର କଥା-ସାହିତ୍ୟରେ ନିର୍ଦ୍ଦିଷ୍ଟ ଭାବରେ 'ଭାରତୀୟତା' କିଛି ଅଛି କି ? ଭାରତର କଥା ସାହିତ୍ୟ ଦେଶ-ବିଦେଶର କଥା-ସାହିତ୍ୟ ଗୁଣଗତ ଭାବରେ କେତେ ଦୂର ତୁଳନୀୟ ?

ଅଧିକାଂଶ ଏଇ ମତ ପ୍ରକାଶ କଲେ ଯେ ଭାରତବର୍ଷର କଥା ସାହିତ୍ୟରେ ନିର୍ଦ୍ଦିଷ୍ଟ ଭାବରେ 'ଭାରତୀୟତା' ବୋଲି କିଛି ନାହିଁ । ପୃଥିବୀର କଥା ସାହିତ୍ୟର ବିକାଶ-ତୁଳନାରେ ଭାରତୀୟ କଥା ସାହିତ୍ୟର ବିକାଶ ମୋଟେ ଗର୍ବର ବିଷୟ ନୁହେଁ । ... ମତ ପ୍ରକାଶ ଛଳରେ ... ଛଡ଼ା ... ମାତୃ-...ର ଗଳ୍ପ ଲେଖିବାର ପ୍ରେରଣା ସେମାନେ ପାଉନ୍ତି ନାହିଁ; ତେବେ ସେ କଥା ଆପାତତଃ ଥାଉ ।

ଦ୍ୱିତୀୟୋକ୍ତ ମତଟି ପ୍ରକାଶ କଲାବେଳେ ଅଧିକାଂଶ ସାହିତ୍ୟିକ ଯେ ନିଜ ନିଜର ଅନ୍ତରରେ ଗ୍ଲାନି ଅନୁଭବ କରୁଥିଲେ, ଏଥିରେ ସନ୍ଦେହ ନାହିଁ । କିନ୍ତୁ ଭାରତୀୟ କଥା ସାହିତ୍ୟ କାହିଁକି ପୃଥିବୀର ଅନ୍ୟାନ୍ୟ ଉନ୍ନତ-ସାହିତ୍ୟ ଦେଶର କଥା-ସାହିତ୍ୟର ସମକକ୍ଷ ହୋଇପାରି ନାହିଁ ସେ ସମ୍ପର୍କରେ ମୌଳିକ କାରଣ ନିର୍ଣ୍ଣୟ କରିବାର ଅନୁସନ୍ଧିତ୍ସା କାହାରି ଭିତରେ ଅନୁଭୂତ ହେଲା ନାହିଁ ।

ଏ କଥା ଅବଶ୍ୟ ସତ୍ୟ ଯେ ଅନ୍ତତଃ ଫ୍ରାନ୍ସ ଓ ରୁଷିଆରେ ଯେଉଁଭଳି ବଳିଷ୍ଠ କଥାସାହିତ୍ୟ-ପରମ୍ପରାର ସୃଷ୍ଟି ହୋଇ ପାରିଛି, ଭାରତବର୍ଷରେ ସେଭଳି ହୋଇନାହିଁ । ଏହାର ଅର୍ଥ କଦାପି ଏହା ହୋଇ ପାରେନା, ଯେ ମୋପାସାଁଙ୍କ ଭଳି ଗଳ୍ପ-ପ୍ରତିଭା ଅଥବା ଡଷ୍ଟଇଭସ୍କିଙ୍କ ଭଳି ଉପନ୍ୟାସ ପ୍ରତିଭା ଭାରତବର୍ଷରେ ଜନ୍ମ ହୋଇ ନଥିଲେ ବା ନାହାନ୍ତି । କିନ୍ତୁ ଗଳ୍ପ-ଉପନ୍ୟାସରେ ଏକ ମହାଜାତୀୟ ପରମ୍ପରା ପ୍ରବର୍ତ୍ତିତ ହେବା ନିମନ୍ତେ ଯେପରି କ୍ରମାଗତ କେତେ ପୁରୁଷ ଧରି ବହୁ ବଳିଷ୍ଠ ପ୍ରତିଭାର ସୃଜନ-ସ୍ରୋତ ବହମାନ ହେବା କଥା, ଭାରତବର୍ଷରେ ହୁଏତ ତାହା ହୋଇନାହିଁ ।

ଏହା କାହିଁକି ହେଲା ? ଏ କଥା ଆଜି ସର୍ବଜନସ୍ୱୀକୃତ ଯେ ସାରା ପୃଥିବୀର କଥା-ସାହିତ୍ୟର ବିକାଶ ମୂଳରେ ରହିଛି ଭାରତର ଅବଦାନ । ପ୍ରାକ୍-ମଧ୍ୟଯୁଗୀୟ ତଥା ମଧ୍ୟଯୁଗୀୟ ପୃଥିବୀର ଅଜସ୍ର କାହାଣୀ, ଉପନ୍ୟାସର ଭିତ୍ତି ହେଲା 'କଥା ସରିତ ସାଗର'ର ପ୍ରେରଣା । କଥା-ସାହିତ୍ୟର ଏଇ ଐତିହାସିକ ଜନ୍ମପୀଠ ଭାରତବର୍ଷରେ ଫ୍ରାନ୍ସ ବା ରୁଷିଆ ଭଳି ଉପନ୍ୟାସ ପରମ୍ପରା ଗଢ଼ି ନ ଉଠିଲା କାହିଁକି ?

ଏ ପ୍ରଶ୍ନର ଉତ୍ତର ଅତ୍ୟନ୍ତ ସରଳ, ଏବଂ ସେ ଉତ୍ତର ସମ୍ପର୍କରେ ଅବହିତ ହେଲେ ଗ୍ଲାନି ଅନୁଭବ କରିବାର କାରଣ କିଛି ରହିବ ନାହିଁ; ବରଂ ଜଣେ ଯଦି କଥାସାହିତ୍ୟ ସୃଷ୍ଟିକୁ ଆନ୍ତରିକ ବ୍ରତ ଭାବରେ ଗ୍ରହଣ କରିଥିବ, ତେବେ ଏହି ଉତ୍ତରରୁ ସେ ଯଥାର୍ଥ ପ୍ରେରଣାହିଁ ପାଇବ ।

ଭାରତବର୍ଷ ହେଉଛି ମହାକାବ୍ୟର ଦେଶ । ଏହି 'ମହାକାବ୍ୟର ଦେଶ' ଅଭିବ୍ୟକ୍ତିଟିକୁ ଉତ୍ତମରୂପେ ହୃଦୟଙ୍ଗମ କରିବାକୁ ପଡ଼ିବ । ପ୍ରଥମ କଥା, ମହାକାବ୍ୟ ସବୁ ଜାତି ବା ସବୁ ଭାଷାରେ ସୃଷ୍ଟି ହୋଇ ପାରେନା । ଦ୍ୱିତୀୟତଃ ଭାରତର ଜନତା ଯୁଗ ଯୁଗ ଧରି ତା'ର ବାସ୍ତବ ଜୀବନ-ଯାତ୍ରା ଭିତରେ ଯେପରି ଭାବରେ ତା'ର ମହାକାବ୍ୟ 'ରାମାୟଣ' ଓ 'ମହାଭାରତ'କୁ ଅନୁଭବ, ଅନୁଧ୍ୟାନ ଓ ଅନୁଶୀଳନ କରି ଚାଲିଥାଏ, ତା'ର ପଟାନ୍ତର ପୃଥିବୀରେ ନାହିଁ । ସାଧାରଣ ଭାରତୀୟ ଜୀବନକୁ ଏଇ ଦୁଇ ମହାକାବ୍ୟ ଯେଭଳି ରସାଣିତ, ଅନୁପ୍ରାଣିତ ଓ ପ୍ରଭାବିତ କରିଥାନ୍ତି, ତାହା ଭାରତୀୟତାର ଏକ ମହାର୍ଘ ବିସ୍ମୟକର ବିଶେଷତ୍ୱ ।

('ମହାକାବ୍ୟ'ର ବୈଚିତ୍ର୍ୟ ହେଲା, ତାହା ପୂର୍ଣ୍ଣାଙ୍ଗ ସାହିତ୍ୟ । ଅର୍ଥାତ୍ ସେଥିରେ କାବ୍ୟକବିତାର ସର୍ବୋତ୍ତମ ରସ ଥାଏ, ଥାଏ ନାଟକର ଚମକ ଓ ଜମକ, ଥାଏ ମନସ୍ତାତ୍ତ୍ୱିକ-ଶାଣିତ ଚରିତ୍ର-ଚିତ୍ରଣ ଓ ଆହୁରି ଥାଏ କାହାଣୀ ଓ ଉପନ୍ୟାସର ସମସ୍ତ ରସ ଘଟଣା, ଉପଘଟଣାର ବହୁଧା ବୈଚିତ୍ର୍ୟ, ବିରହ ଓ ମିଳନର ଔଦାସ୍ୟ ଓ ହର୍ଷ । କହିବା ବାହୁଲ୍ୟ, ବୃହତ୍ତମ ଆଧ୍ୟାତ୍ମିକ ଜିଜ୍ଞାସାଠାରୁ ଆରମ୍ଭ କରି କାହାଣୀ ଶ୍ରବଣର ତୃଷା ପର୍ଯ୍ୟନ୍ତ ଭାରତୀୟ ଜନଚେତନାର ସମସ୍ତ ସ୍ପୃହାକୁ ମହାକାବ୍ୟ ଅତି ସକ୍ଷମ ଭାବରେ ମେଣ୍ଟାଇ ଆସିଛି । ମହାକାବ୍ୟ ନିହିତ ଉପନ୍ୟାସ ଓ କାହାଣୀ ରସ ବାହାରେ ସେ ଆଉ ସ୍ୱତନ୍ତ୍ର କଥା ସାହିତ୍ୟର ତାଗିଦା ଅନୁଭବ କରି ନାହିଁ ।)

ତଥାପି ଭାରତୀୟ କଥା-ସାହିତ୍ୟର ସାମ୍ପ୍ରତିକ ବିକାଶ, ଗୁଣ ଦୃଷ୍ଟିରୁ ଯଥେଷ୍ଟ ସାଫଲ୍ୟ ମଣ୍ଡିତ; କିନ୍ତୁ ସେ ଆହୁରି ମହତ୍ତର ଗରିମାର ଅଧିକାରୀ ହେବ, ଏକ ନୂତନ ପରମ୍ପରା ସୃଷ୍ଟି କରି ପାରିବ, ଯଦି ଭାରତୀୟ କଥା-ସାହିତ୍ୟିକ ମହାକାବ୍ୟର ଅନ୍ତର୍ନିହିତ ଜିଜ୍ଞାସାବୋଧ, ଅଭୀପ୍ସା ଓ ଆଧ୍ୟାତ୍ମିକ ହୃଦ୍‌ବୃତ୍ତିର ଅନୁଶୀଳନ ନିଜ ସୃଷ୍ଟି ଭିତରେ କରିପାରେ ।